# ଏଲ୍ଇଡି ଟିଭିରେ ସୀମିତ ଇ-କନ୍ଫରେନ୍ସିଂ ବ୍ୟବସ୍ଥା

## ପଞ୍ଚାୟତକୁ ପାର୍ଲାମେଣ୍ଟ ସହ ଯୋଡ଼ିବା ପ୍ରୟାସ ବିଫଳ

ରସୁଲପୁର, ୨।୮ (ରଞ୍ଜିତ ରାଉତ)



ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ଇ-କନ୍ଫରେନ୍ସିଂ ବ୍ୟବସ୍ଥା ଏଲଇଡି ଟିଭିରେ ସୀମିତ ରହିଆସୁଛି। ଫଳରେ ଦୀର୍ଘବର୍ଷ ଧରି ପଞ୍ଚାୟତକୁ ପାର୍ଲାମେଣ୍ଟ ସହ ଯୋଡ଼ିବା ପ୍ରୟାସ ବିଫଳ ହୋଇଛି। ଏବେ ସରପଞ୍ଚମାନେ ପଞ୍ଚାୟତରୁ ସଚିବାଳୟ ସଂଯୋଗ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି। ପଞ୍ଚାୟତର ଇ-କନଫରେନସିଂ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏଭଳି ଅସୁବିଧା ଉପୁଜିଛି ବୋଲି କୁହାଯାଉଛି। ତେଣୁ ବିଭିନ୍ନ ପଞ୍ଚାୟତରେ ଇ-କନ୍ଫରେନ୍ସିଂ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି ହେଉଛି।

୨୦୦୯ରେ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥି ସକାଶେ ପଞ୍ଚାୟତକୁ ୧୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏଥିରେ ପଞ୍ଚାୟତଗୁଡ଼ିକୁ ପାର୍ଲାମେଣ୍ଟ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହାଛଡ଼ା ଉକ୍ତ କେନ୍ଦ୍ର ଜରିଆରେ ଜନସାଧାରଣଙ୍କୁ ସମସ୍ତ ସରକାରୀ ସୁବିଧା ଉପଲବ୍ଧ ହେବ ବୋଲି କୁହାଯାଉଥିଲା। ହେଲେ ଏହି ଲକ୍ଷ୍ୟ ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଅଧିକାଂଶ ସ୍ଥାନରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଗୁଡ଼ିକ ଏବେ ବି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। କେନ୍ଦ୍ରରୁ କଂଗ୍ରେସ ସରକାର ଶାସନରୁ ହଟିଯିବା ପରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପ୍ରତିଷ୍ଠାନଗୁଡ଼ିକ ଲକ୍ଷ୍ୟଚ୍ୟୁତ ହୋଇଛି। ରାଜ୍ୟରେ ବିଜେଡି ଶାସନ କାଳରେ ଏହି ସେବାକେନ୍ଦ୍ରକୁ ଗୁରୁତ୍ୱ ଦିଆଗଲାନାହିଁ। ୨୦୨୦ କରୋନା ମହାମାରୀ ସମୟରେ ଇ-କନ୍ଫରେନ୍ସିଂ ବ୍ୟବସ୍ଥାକୁ ନେଇ ସରକାର ଜାଗ୍ରତ ହୋଇଥିଲେ। ୨୦୨୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇ-କନ୍ଫରେନ୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯାଇଥିଲା। ଏ ନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭିତ୍ତିଭୂମି ଥିବା ପଞ୍ଚାୟତଗୁଡ଼ିକରେ ଇ-କନ୍ଫରେନ୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତଗୁଡ଼ିକୁ ଏଲ୍ଇଡି ଟିଭି ଯୋଗାଇ ଦିଆଯାଇଥିଲା। ପଞ୍ଚାୟତରେ ସମ୍ମିଳନୀ କକ୍ଷଗୁଡ଼ିକୁ ଶୀତତାପ ନିୟନ୍ତ୍ରିତ କରିବା ସହ ଘର ଭିତର ସ୍ଥିତିରେ ପରିବର୍ତ୍ତନ କରାଯିବା ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବେ ବୋଲି କୁହାଯାଇଥିଲା। ପଞ୍ଚାୟତଗୁଡ଼ିକୁ ୬ମାସ ତଳୁ ଏଲ୍ଇଡି ଟିଭି ଯୋଗାଇ ଦିଆଯାଇଥିଲା। ହେଲେ ଉକ୍ତ ଟିଭିଗୁଡ଼ିକ ବ୍ୟବହାର ହେଉନାହିଁ। ଫଳରେ ଟିଭି ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକ ଖରାପ ହୋଇଯିବା ସମ୍ଭାବନା ରହିଛି। କଂଗ୍ରେସ ସମୟରେ ପଞ୍ଚାୟତରୁ ପାର୍ଲାମେଣ୍ଟ ସଂଯୋଗ ବ୍ୟବସ୍ଥା ଲକ୍ଷ୍ୟଚ୍ୟୁତ ହୋଇପଡ଼ିଥିବାବେଳେ ରାଜ୍ୟରେ ବିଜେଡି ଅମଳରେ ଇ-କନଫରେନ୍ସିଂ ବ୍ୟବସ୍ଥା ଜରିଆରେ ପଞ୍ଚାୟତରୁ ସଚିବାଳୟ ସଂଯୋଗ ବ୍ୟବସ୍ଥା ବଟବଣା ହୋଇଯିବା ସମ୍ଭାବନା ଦେଖାଦେଲାଣି। ଭାଜପା ସରକାର ଏହି ଯୋଜନାକୁ ଆଗକୁ କାର୍ଯ୍ୟକାରୀ କରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଇ-କନଫରେନ୍ସିଂ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ପାଖରେ କୌଣସି ଅଧିକ ସୂଚନା ନାହିଁ। ୬ମାସ ତଳେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ନେଇ ପଦକ୍ଷେପ ନିଆଯାଇଥିଲା। ବ୍ୟବସ୍ଥାକୁ ନେଇ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ଯାଏ କୌଣସି ପଦକ୍ଷେପ ନିଆଯାଇ ପାରିବନାହିଁ। ଆଗକୁ ଯେଉଁ ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବଳାତ୍କାର ଉଦ୍ୟମ: ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

## ଏସ୍ପିଙ୍କ ଦ୍ୱାରସ୍ଥ ହେଲେ ପରିବାରବର୍ଗ

ଯାଜପୁର, ୨।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଏନେଇ ପୀଡ଼ିତାଙ୍କ ପରିବାରବର୍ଗ ବାରମ୍ବାର ବିଞ୍ଝାରପୁର ଥାନା ପୋଲିସର ଦ୍ୱାରସ୍ଥ ହୋଇଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ତେଣୁ ସେମାନେ ଶୁକ୍ରବାର ନ୍ୟାୟ ପାଇଁ ଯାଜପୁର ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ବଡ଼ପାଳ ଗ୍ରାମର ସୋନମ ଶ୍ରୀଧର ନାୟକ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ନାବାଳିକାଙ୍କ ମା' ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ୨୧।୪।୨୦୨୪ରେ ନାବାଳିକାଙ୍କ ମା'ବାପା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ବିଞ୍ଝାରପୁର ଥାନା ଅଧିକାରୀ ଅଂଶୁମାଳା ଦାଶ ୨୫୫/୨୦୨୪ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲେ। ଏହାବାଦ ଶିଶୁ ଯୌନ ଶୋଷଣ ଆଇନ ଅନୁଯାୟୀ ପୀଡ଼ିତାଙ୍କ ବୟାନ ମାଜିଷ୍ଟ୍ରେଟ ନିକଟରେ ରେକର୍ଡ କରିବା ସହିତ ଡାକ୍ତରୀ ମାଇନା ମଧ୍ୟ ହୋଇଥିଲା। କିନ୍ତୁ ଘଟଣାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏଯାଏ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଫଳରେ ପୀଡିତା ପରିବାରବର୍ଗ ନ୍ୟାୟ ପାଇଁ ଏସ୍ପିଙ୍କ ଅଭିଯୋଗ ଶୁଣାଣିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ପ୍ରତିଶ୍ରୁତି ଦେଇ ବିଞ୍ଝାରପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ପୀଡ଼ିତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି।

# ଜାତୀୟ କରାଟେରେ ଧର୍ମଶାଳାର ୬ଜଣଙ୍କ କୃତିତ୍ୱ




କରାଟେରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ।

ଧର୍ମଶାଳା, ୨।୮ (ବଟକୃଷ୍ଣ ପରିଡ଼ା)

ଯାଜପୁର ଉତ୍କଳ ସ୍ପୋର୍ଟସ କରାଟେ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଧର୍ମଶାଳା ଅଞ୍ଚଳର ୬ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଛନ୍ତି। ମଧ୍ୟପ୍ରଦେଶ ଅଶୋକନଗରଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ୧୮ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଧର୍ମଶାଳା ଅଞ୍ଚଳର ଆଦ୍ୟାଶା ନାୟକ, ଧନଞ୍ଜୟ ସାହୁ, ଆୟୁସ ଅଂଶୁମାନ ରାଉତ, ହରପ୍ରିୟା ସେଠୀ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଆକାଶ ଗୌରବ ବେହେରା ଓ ସାଇଶୁଭମ ସେଠୀ ତୃତୀୟ ସ୍ଥାନ ଅଧିକାର କରି କାଂଶ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନଙ୍କୁ ଧର୍ମଶାଳା ଅଞ୍ଚଳର ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ କରାଟେ ଏକାଡେମୀ ସଭାପତି ଅଭିମନ୍ୟୁ ବାରିକ, ସାଧାରଣ ସମ୍ପାଦକ ସବିତା ବାସ୍କେ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜାରକା କଳ୍ପତରୁ ସ୍ପୋର୍ଟସ ଏକାଡେମୀ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସ୍ପୋର୍ଟସ ଏକାଡେମୀର ପ୍ରଶିକ୍ଷକ କୈବଲ୍ୟ ନାୟକ ପ୍ରତିଯୋଗୀମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ।

# କାର୍ଯ୍ୟ ତଦାରଖ କଲେ ଜିଲାପାଳ, ବିଧାୟକ

## ୫-ଟି ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଛାତ୍ରୀଛାତ୍ର ଆହତ ହେବା ଘଟଣା

ଚଣ୍ଡିଖୋଲ/ବଡ଼ଚଣା, ୨।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ କୁନ୍ଦଳ ପଞ୍ଚାୟତ ଗରଗାଲିସ୍ଥିତ ମା' ମଳିହାଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରରୁ ପ୍ଲାଷ୍ଟର ଖସି ଛାତ୍ରୀଛାତ୍ର ଆହତ ହେବାପରେ ଶୁକ୍ରବାର ଯାଜପୁର ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଆସି ବିଦ୍ୟାଳୟ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ସମୟରେ ବିଦ୍ୟାଳୟ ପାଚେରି କାର୍ଯ୍ୟ ଠିକ ଭାବରେ ନ କରି ପଇସା ଉଠାଯାଇଥିବା ଓ ବିଦ୍ୟାଳୟ ଖେଳ ପଡିଆ ନାମରେ ଘୋଟାଲା ହୋଇଥିବା ଜାଣିବାକୁ ପାଇଛନ୍ତି। ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ନୂତନ ଭାବେ ବାକି ଥିବା ସମସ୍ତ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶଦେବା ସହ ଭାଙ୍ଗି ଯାଇଥିବା ସ୍ମାର୍ଟ କ୍ଲାସ ରୁମକୁ ଆଉଥରେ ନିର୍ମାଣ କରିବା ପାଇଁ କହିଛନ୍ତି। ଯଦି ଶୀଘ୍ର କାମ ନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମାମଲା ରୁଜୁ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ବିଧାୟକ ଏହି ବ୍ଲକ ଅନ୍ତର୍ଗତ ବନ୍ତଲାସ୍ଥିତ ସରକାରୀ ବିଦ୍ୟାଳୟ ଓ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିଦର୍ଶନ କରି ହୋଇଥିବା କାର୍ଯ୍ୟର ତଦାରଖ କରିଛନ୍ତି। ମଳିହାଶୁଣୀ ବିଦ୍ୟାଳୟକୁ ୫-ଟି ଅଧୀନରେ ଉନ୍ନତୀକରଣ କରାଯାଇଥିଲା। ୨୦୨୧ରେ ରୁପାନ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୨ରେ କାର୍ଯ୍ୟ ଶେଷ ହୋଇ ନ ଥିଲେ ମଧ୍ୟ ତରବରିଆ ଭାବରେ ଉଦ୍ଘାଟନ କରାଯାଇଥିଲା। ବିଦ୍ୟାଳୟ ରୁପାନ୍ତରୀକରଣ ନାମରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ କେବଳ ରଙ୍ଗ ମାରି ଟଙ୍କା ଲୁଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଅଣଦେଖା କରାଯାଇଥିଲା। ଗତ ଜୁଲାଇ ୨ରେ ପ୍ରାର୍ଥନା ସାରି ଛାତ୍ରୀଛାତ୍ର ବିଦ୍ୟାଳୟ ଶ୍ରେଣୀ ଗୃହକୁ ପ୍ରବେଶ କରିବାମାତ୍ରେ କ୍ଲାସ ରୁମ ଛାତ ଭୁଶୁଡ଼ି ୫ ଛାତ୍ରୀଛାତ୍ର ଆହତ ହୋଇଥିଲେ।



ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ଜିଲାପାଳ ଓ ବିଧାୟକ।

# ହୃଦ୍ଘାତରେ ପୋଲିସ ଏଏସ୍ଆଇଙ୍କ ମୃତ୍ୟୁ

ପାଣିକୋଇଲି, ୨।୮ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ରଣପାଳ ବେହେରା ଗଡ଼ିଆ ଗ୍ରାମର ଜଣେ ପୋଲିସ ଅଧିକାରୀଙ୍କ ହୃଦ୍ଘାତରେ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଅଭିମନ୍ୟୁ ଖଟୁଆ (୫୨)। ଅଭିମନ୍ୟୁ ଓଡ଼ିଶା ପୋଲିସରେ ଯୋଗଦେଇ ନିମାପଡ଼ା ଥାନା ଏଏସ୍ଆଇଭାବେ କାର୍ଯ୍ୟ କରୁଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ହୃଦ୍ଘାତ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି। ପୁଅ ମନେଶ ମୁଖାଗ୍ନି ଦେଇଛନ୍ତି।

# ଖବରଦାତାଙ୍କ ସ୍ତ୍ରୀଙ୍କ ବିୟୋଗ

ବରୀ, ୨।୮ (ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ସଞ୍ଜୟ ବେହେରାଙ୍କ ସ୍ତ୍ରୀ ରଶ୍ମିରେଖା ବେହେରାଙ୍କ ବିୟୋଗ ହୋଇଯାଇଛି। ଗୁରୁବାର ରାତିରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଉମେଶ ଜେନା, ଯୁବନେତା ସଞ୍ଜୀବ ଜେନା, ପୂର୍ବତନ ବ୍ଲକ୍ ବିଜେଡି ସଭାପତି ସେକ ସଫିକଉଦ୍ଦିନ, ସରପଞ୍ଚ ମାନସ ଜେନା, ଜ୍ୟୋତିର୍ମୟୀ ବେହେରା, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସାମ୍ବାଦିକ ସଂଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ଚୈତନ୍ୟ ଜେନା, ମହେନ୍ଦ୍ର ସ୍ୱାଇଁ, ପ୍ରତାପ ଦାସ, ସୁରେଶ କର, ସୁନୀଲ ରାଉତ, ବ୍ୟବସାୟୀ ସଂଘ ସଭାପତି ଧୀରେସ ଦ୍ୱିବେଦୀ ଓ ସମ୍ପାଦକ ସୁକନ ବେହେରା ଶୋକ ପ୍ରକାଶ କରିଛନ୍ତି।

# ଜେଲ ପାଇଁ ଉଦ୍ଦିଷ୍ଟ ଜମି ଚିହ୍ନଟକୁ ବିରୋଧ

- ଧାରଣାରେ ବସିଲେ ଗ୍ରାମବାସୀ
- ଫେରିଗଲେ ତହସିଲ କର୍ତ୍ତୃପକ୍ଷ

ଯାଜପୁର ସଦର, ୨।୮ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ଏରବାଙ୍କ ଛତରିଆ ପଡ଼ିଆରେ ଜେଲ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟକୁ ବିରୋଧ କରାଯାଇଛି। ଶୁକ୍ରବାର ସ୍ଥାନ ଚିହ୍ନଟ କରିବାକୁ ତହସିଲ କର୍ମଚାରୀମାନେ ଆସିଥିବାବେଳେ ପଡ଼ିଆକୁ ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତାରେ ଗ୍ରାମବାସୀ ଧାରଣା ଦେଇ ତହସିଲ କର୍ମଚାରୀଙ୍କୁ ବିରୋଧ କରିଛନ୍ତି।

ଏଠାରେ ଯଦି ଜେଲ ହୁଏ ଚାଷ ଉପରେ ନିର୍ଭର କରୁଥିବା ଲୋକେ ନାନାଦି ହଇରାଣ ହେବେ। ଗୋରୁ ଚରିବା ପାଇଁ ଅନେକ ଅସୁବିଧା ହେବ। ଗ୍ରାମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଧା ଉପୁଜିବ, ବ୍ୟାପକ ବୃକ୍ଷ ଏଠାରୁ ଲୋପ ପାଇବ ଓ ପିଲାମାନେ ଖେଳ କୁଦରୁ ବଞ୍ଚିତ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ସ୍ଥାନ ଚିହ୍ନଟ ପାଇଁ ଯାଜପୁର ତହସିଲଦାର ଓ ଟିମ୍ଙ୍କ ସହ ସଦର ପୋଲିସ, ବରୀ ପୋଲିସ ଓ ଜିଲା ପୋଲିସର ବହୁ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ତହସିଲ ଓ ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ବୁଝାଶୁଝା କରାଯାଇଥିଲେ ସୁଦ୍ଧା ଗ୍ରାମବାସୀ ସେମାନଙ୍କ ଜିଦ୍‌ରୁ ଓହରି ନଥିଲେ। ଶେଷରେ ତହସିଲ ପ୍ରଶାସନ ସ୍ଥାନ ଚିହ୍ନଟ କାର୍ଯ୍ୟକୁ ବନ୍ଦ ରଖିଛି। ଜିଲାପାଳଙ୍କ ଜନଶୁଣାଣିରେ ଏହା ଉପରେ ଆଲୋଚନା କରାଯିବ ବୋଲି ଜଣାପଡିଛି। ହେଲେ ଏଠାରେ ଜେଲ ନିର୍ମାଣ କେବେ ହେଲେ ହେବ ନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।



ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନୋଜ



@ ଖଗେଶ୍ୱର



@ ରୁଦ୍ରନାରାୟଣ



@ ସୁବାସ



@ ନମେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେରଳ ଭୂସ୍ଖଳନରେ ଯୁବ ଡାକ୍ତର ନିଖୋଜ

ଯାଜପୁର ରୋଡ, ୨।୮ (ପବିତ୍ର ରଞ୍ଜନ ମହାନ୍ତି)



କେରଳର ୱାଇନାଡରେ ହୋଇଥିବା ଭୂସ୍ଖଳନରେ ଯାଜପୁର ଜିଲା ବ୍ୟାସନଗର ସହରର ହିମାଂଶୁ ପଣ୍ଡାଙ୍କ ପୁଅ ଯୁବ ଡାକ୍ତର ସ୍ୱାଧୀନ (୩୨) ନିଖୋଜ ହୋଇଯାଇଛନ୍ତି। ଗତ ୨୬ ତାରିଖରେ ସ୍ୱାଧୀନ ତାଙ୍କ ବାନ୍ଧବୀ ସ୍ୱୀକୃତି ମହାପାତ୍ରଙ୍କ ସହ ବାଙ୍ଗାଲୋର ଯାଇଥିଲେ। ୨୭ ତାରିଖରେ ଉଭୟଙ୍କ ଜନ୍ମ ଦିନଥିବାରୁ ବାଙ୍ଗାଲୋରରେ ଅନ୍ୟବନ୍ଧୁଙ୍କ ସହ ମିଶି ଜନ୍ମଦିନ ପାଳନ କରିଥିଲେ। ଏସ୍ସିବିରେ ଡାକ୍ତର ଥିବା ସ୍ୱାଧୀନ ଏବଂ ଭୁବନେଶ୍ୱରର ମେଡିକାଲ କଲେଜର ଛାତ୍ରୀ ଥିବା ସ୍ୱୀକୃତି ଏହା ପରଦିନ କେରଳର ୱାଇନାଡ଼ ବୁଲିବାକୁ ଯାଇଥିଲେ। ୱାଇନାଡ଼ରେ ପହଞ୍ଚିବା ପରେ ସେଠାରେ ଏକ ହୋଟେଲରେ ରହିଥିଲେ। ରାତିରେ ୱାଇନାଡ଼ରେ ଘଟିଥିବା ଭୂସ୍ଖଳନରେ ସ୍ୱାଧୀନ ଓ ସ୍ୱୀକୃତି ଭାସିଯାଇଥିଲେ। ସ୍ୱୀକୃତି ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବାବେଳେ ସ୍ୱାଧୀନଙ୍କ ପତ୍ତା ମିଳିପାରିନି। ଏହାକୁ ନେଇ ତାଙ୍କ ପରିବାର ଚିନ୍ତାରେ ରହିଛନ୍ତି।

# ଧର୍ମଶାଳାରେ ସ୍ୱଳ୍ପ ବୃଷ୍ଟିପାତ

## ଧାନଚାଷ ବିଳମ୍ବ

ଧର୍ମଶାଳା, ୨।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ଜୁନ ଓ ଜୁଲାଇରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ଫଳରେ ଧାନ ଚାଷ ବିଳମ୍ବ ହୋଇଛି। ଚଳିତ ବର୍ଷ ବିଳମ୍ବରେ ମୌସୁମୀ ଆସିବା ସହ ଜୁନ ୨୫ ତାରିଖ ପରେ ବର୍ଷା ଆରମ୍ଭ ହୋଇଥିଲା। ହେଲେ ଧାନ ଚାଷ ପାଇଁ ଆବଶ୍ୟକ ବର୍ଷା ନ ହେବାରୁ ଚାଷ କାମ ବାଧାପ୍ରାପ୍ତ ହୋଇଥିଲା। ପରେ ଜୁଲାଇରେ ମଧ୍ୟ ଖୁବ କମ ବର୍ଷା ହୋଇଥିଲା। ବ୍ଲକରେ ବିଗତ ବର୍ଷଗୁଡ଼ିକର ବର୍ଷା ରେକର୍ଡ ଦେଖିଲେ ୨୦୨୧ ଜୁଲାଇରେ ୧୨୦ ମିଲିମିଟର ବର୍ଷା ହୋଇଥିବାବେଳେ ୨୦୨୨ରେ ସର୍ବାଧିକ ୩୩୨.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ୨୦୨୩ ଜୁଲାଇରେ ମାତ୍ର ୧୦୮ ମିଲିମିଟର ବର୍ଷା ହୋଇଥିବାବେଳେ ୨୦୨୪ ଜୁଲାଇ ଶେଷ ସୁଦ୍ଧା ୧୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ଆବଶ୍ୟକତାଠାରୁ ଢେର କମ ରହିଛି। ଫଳରେ ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ଧାନଚାଷକୁ କିଭଳି ଆଗେଇ ନେବେ ସେଥିଲାଗି ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଶୁକ୍ରବାର ଧର୍ମଶାଳା ବ୍ଲକ ଅଂଚଳରେ ୫୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲିକ୍ଷିତ ହୋଇଛି। ଆଗକୁ ଏଭଳି ବର୍ଷା ଜାରି ରହିଲେ ବିଳମ୍ବ ହେଲେ ମଧ୍ୟ ଧାନ ଚାଷ ଭଲ ହେବ ବୋଲି ଚାଷୀମାନେ ଆକଳନ କରିଛନ୍ତି।

# ହିତାଧିକାରୀଙ୍କ ଅଗୋଚରରେ ୪୫ ମାସର ଚାଉଳ ହଡ଼ପ

ଆଳି, ୨।୮ (ବନମାଳୀ ସେନାପତି)

■ ଆଳିରେ ରାଶନ କେଳେଙ୍କାରୀ ଅଭିଯୋଗ
■ ୬ କୁଇଣ୍ଟାଲ ୭୫ କିଲୋ ଚାଉଳର ହିସାବ ମିଳୁନି

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଶତାଧିକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ରହି ଦୀର୍ଘବର୍ଷ ହେବ ଅପେକ୍ଷା କରିଛନ୍ତି। ଏଭଳି ସ୍ଥଳେ ଜଣେ ହିତାଧିକାରୀଙ୍କ ଅଗୋଚରରେ କାର୍ଡ କରାଯାଇ ପ୍ରାୟ ୪୫ ମାସର ଚାଉଳ ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଆଳି ବ୍ଲକ ପତ୍ରପୁର ପଞ୍ଚାୟତ ବିଲିକଣା ଗ୍ରାମର ସବିତା ସାହୁ କରିଥିବା ଅଭିଯୋଗ ଅନୁଯାୟୀ, ୨୦୨୦ ମସିହାରୁ ସେମାନେ ଖାଉଟି କାର୍ଡ ନିମନ୍ତେ ଆବେଦନ କରିଥିଲେ। ଆବେଦନ କରିବା ଦିନଠୁ ପ୍ରତି ମାସ ବ୍ଲକ କାର୍ଯ୍ୟାଳୟକୁ ଯାଇ ଖାଉଟି କାର୍ଡ ଯାଞ୍ଚ କରୁଥିବା ବେଳେ ବିଭାଗ ପକ୍ଷରୁ କାର୍ଡ ହୋଇନାହିଁ, ସାଇଡ ଖୋଲୁନି ଭଳି ଅନେକ କଥା କହି ତାଙ୍କୁ ଫେରାଇ ଦିଆଯାଉଥିଲା। ୩ ବର୍ଷ ହେବ ସେ ବାରମ୍ବାର ଫେରିବା ପରେ ଜୁଲାଇ ୩୧ ତାରିଖ ପୁଣି ବ୍ଲକ କାର୍ଯ୍ୟାଳୟକୁ ଯାଇ ଯାଞ୍ଚ କରିବା ପରେ ତାଙ୍କ ନାମରେ ୨୦୨୧ ଜାନୁଆରୀରେ ୧୭୦୧୨୬୧୨୫୮୩ ନମ୍ବରର କାର୍ଡ ଇସ୍ୟୁ ହୋଇଛି। କାର୍ଡରେ ସେ, ତାଙ୍କ ସ୍ୱାମୀ ଓ ଝିଅ ସାମିଲ ହୋଇଥିବା ଜଣାପଡ଼ିଛି। ମୁଣ୍ଡପିଛା ୫ କେଜି ଲେଖା ଚାଉଳ ଦିଆଯିବା ଲାଗି ମଧ୍ୟ କାର୍ଡରେ ଉଲ୍ଲେଖ ରହିଛି। ଡିଲର ଦାୟିତ୍ୱରେ ଥିବା ବସନ୍ତ କୁମାର ପ୍ରଧାନଙ୍କ (ଆଇଡି ୧୭୦୧୮୦୮୮)ଠାରୁ ଚାଉଳ ନେବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା।

ସବିତାଙ୍କ ସ୍ୱାମୀ ସରୋଜ ସାହୁ ସେହିଦିନ ଡିଲରଙ୍କୁ ତାଙ୍କ କାର୍ଡ ଓ ଚାଉଳ ମାଗିବାରୁ ଡିଲର ତାଙ୍କୁ ଚଳିତ ଥର ଆସିଥିବା ୩ ମାସର ଚାଉଳ ଦେବାକୁ କହିଥିଲେ। ପୂର୍ବ ଚାଉଳ କଥା ପଚାରିବାରୁ ସେ ଏବେକାର ଚାଉଳ ଦେଇପାରିବେ କହି ତାଙ୍କୁ ଫେରାଇ ଦେଇଥିଲେ। ଏ ନେଇ ସେ ଆଳି ବିଡିଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ବିଡିଓ ଅଭିଯୋଗ ରଖି ନ ଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ ସବିତା ସାହୁଙ୍କ ସ୍ୱାମୀ ଓ ଝିଅଙ୍କୁ ସାମିଲ କରି ୨୦୨୧ରୁ କାର୍ଡ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ତାଙ୍କୁ ବିଭାଗ ପକ୍ଷରୁ କିମ୍ବା ଡିଲର କାର୍ଡ କି ଚାଉଳ ଦେଇ ନ ଥିଲେ। ଏବେ ହିତାଧିକାରୀ ସବିତା ୨୦୨୧ରୁ ୨୦୨୪ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୪୫ ମାସର ୬ କୁଇଣ୍ଟାଲ ୭୫ କିଲୋ ଚାଉଳ ମାଗିବାରୁ ଡିଲର ତାଙ୍କୁ ମାତ୍ର ୩ ମାସର ଚାଉଳ ଦେବାକୁ କହି ପୁରୁଣା ଚାଉଳ ବାବଦରେ ସେ କିଛି କହି ନ ଥିଲେ। ସବିତାଙ୍କ ୪୫ ମାସର ଚାଉଳ ଖାଇଲା କିଏ ତାହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ନେଇ ଆଳି ବ୍ଲକ ଯୋଗାଣ ଅଧିକାରୀ ପୁନମ ଜେନାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି। ସବିତାଙ୍କ କାର୍ଡର ଷ୍ଟାଟସ୍ ଚେକ୍ କରିବା ପରେ ଚାଉଳ ଉଠିଛି କି ନାହିଁ, ଯଦି ଉଠିଛି କିଏ ଉଠାଇଛି ସେ ନେଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣାର ତଦନ୍ତ ବ୍ଲକ ପକ୍ଷରୁ କରା ନ ଗଲେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସବିତା ସାହୁ ପ୍ରକାଶ କରିଛନ୍ତି।


ବିଲିକଣା ଗ୍ରାମର ସରୋଜ ସାହୁ ଓ ସ୍ତ୍ରୀ ସବିତା ସାହୁ ଅଭିଯୋଗପତ୍ର ଦେଖାଉଛନ୍ତି।

# ବଣିକଙ୍କ ସ୍ୱାର୍ଥ ପାଇଁ ସହଯୋଗ କରନ୍ତୁ


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବଣିକ ସଂଘର ସଦସ୍ୟମାନେ।

ପାରାଦୀପ, ୨।୮ (ଶରତ ରାଉତ)

## ପୋର୍ଟ ବଣିକ ସଂଘ ବିବାଦ

ଗତ ସାଧାରଣ ନିର୍ବାଚନ ପରଠାରୁ ପୋର୍ଟ ବଣିକସଂଘ ମଧ୍ୟରେ ନେତୃତ୍ୱ ପରିବର୍ତ୍ତନ ଘଟଣା ପାଇଁ ବିବାଦ ସୃଷ୍ଟି ହୋଇଛି। ଗତ ବୁଧବାର ଗୋଟିଏ ଗୋଷ୍ଠୀ ଅଲଗା ବୈଠକ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବର୍ତ୍ତମାନ କର୍ମକର୍ତ୍ତା ଥିବା ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ଦେବବ୍ରତ ସାହୁ, ଚୈତନ୍ୟ ସାହୁ, ରାଜେନ୍ଦ୍ର ବଳ, ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ ଯେ, ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଗତ ଜୁନ ୪ରେ ସ୍ୱଇଚ୍ଛାରେ ପଦବୀ ଛାଡ଼ିବା ପାଇଁ ଘୋଷଣା କରିଥିଲେ। ତାଙ୍କୁ ବ୍ୟବସାୟୀ ଭାଇମାନେ ଅନୁରୋଧ କରିବାରୁ ସେ ଆଉ ଗୋଟିଏ ବର୍ଷ ଦାୟିତ୍ୱରେ ରହିବେ ବୋଲି କହିଥିଲେ। ମାତ୍ର ଜଣେ ଅଣବ୍ୟବସାୟୀ ସନ୍ତୋଷଙ୍କୁ ଉକ୍ତ ପଦବୀରୁ ହଟାଇବା ପାଇଁ ଏକାଧିକ ବାର ବୈଠକ କରିସାରିଲେଣି। ଏନେଇ ଆମେ ବିଧାୟକ ଓ ଏମ୍‌ପିଙ୍କ ସହଯୋଗ ଲୋଡୁଛୁ। ବଣିକମାନଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ସମସ୍ତେ ବିରୋଧୀ ମନୋଭାବ ପରିହାର କରି ସହଯୋଗ କରିବା ପାଇଁ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା।

# ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ାଉ: ୧୫୦୦ ଜରିମାନା ଆଦାୟ

ଏରସମା, ୨।୮ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଖାଦ୍ୟ ନିରାପତ୍ତା ଅଧିକାରୀ ଶୁକ୍ରବାର ଏରସମା ବ୍ଲକ ମୁଖ୍ୟ ବଜାରରେ ଥିବା ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ାଉ କରିଛନ୍ତି। ଏହି ସମୟରେ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ଏରସମା ଓ ଚଟୁଆ ବଜାରରେ ଥିବା ହୋଟେଲ ଓ ଜଳଖିଆ ଦୋକାନରେ ଅପମିଶ୍ରିତ ଖାଦ୍ୟ ଦିଆଯିବା ସହ ଅପରିଷ୍କାର ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏହାକୁ ବିଚାରକୁ ନେଇ ଜଗତ୍‌ସିଂହପୁର ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରୀତୀଶ ଦାସ ସଦଳବଳ ଚଟୁଆ ବଜାରର ୪ଟି ଓ ଏରସମା ବଜାରରେ ୮ଟି ହୋଟେଲ ଜଳଖିଆ ଦୋକାନ ଉପରେ ଶୁକ୍ରବାର ଚଢ଼ାଉ କରିଥିଲେ। ଏରସମାର ଗାଙ୍ଗୁରାମ ଓ ବିଶ୍ୱନାଥ ଜଳଖିଆ ଦୋକାନ ସହିତ ଶାନଭି, ବାବୁନି, ଜଗାବଳିଆ, ସମୀର, ପାପା ଓ ଶ୍ରୀ ଲକ୍ଷ୍ମୀ ହୋଟେଲ ଉପରେ ଚଢ଼ାଉ କରାଯାଇଥିଲା। ପରିଷ୍କାର ପରିଚ୍ଛନ୍ନ କରାଯାଉ ନ ଥିବାରୁ ପାପା ହୋଟେଲ ଉପରେ ୧୦୦୦ ଓ ବିଶ୍ୱନାଥ ଜଳଖିଆ ଦୋକାନ ଉପରେ ୫୦୦ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଥିଲା। ଏଥିସହ ବାବୁନି, ଜଗା ବଳିଆ ଓ ପାପା ହୋଟେଲରେ ସୂଚନା ନ ଥିବା ମସଲା, ମିଷ୍ଟର, ହଳଦୀ ଗୁଣ୍ଡ ବ୍ୟବହାର କରାଯାଉଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି ଅଧିକାରୀ ବୁଝାଇବା ସହିତ ତାହାର ଗୁଣାତ୍ମକ ମାନ ପରୀକ୍ଷା ପାଇଁ ନେଇଛନ୍ତି।


ଜଗତ୍‌ସିଂହପୁର ଖାଦ୍ୟ ନିରାପତ୍ତା ଅଧିକାରୀ ବିଭିନ୍ନ ହୋଟୋଲ୍‌ରେ ଚଢ଼ାଉ କରୁଛନ୍ତି।

# ବାର୍ହାପୁର ଗାଁରୁ ମାଈ ବଉଳା କୁମ୍ଭୀର ଉଦ୍ଧାର

ରାଜନଗର, ୨।୮ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀର ଶାଖା ହଂସୁଆ ନଦୀରୁ କ୍ରିକ୍ ଯୋଗେ କୋଇଲିପୁର ପଞ୍ଚାୟତ ବାର୍ହାପୁର ଗାଁରେ ୪ ଫୁଟ ୯ ଇଞ୍ଚ ବଉଳା କୁମ୍ଭୀର ପହଞ୍ଚି ଥିଲା। ଗୁରୁବାର ରାତିରେ ଏହି ଗ୍ରାମର କଳ୍ପତରୁ ଖଣ୍ଡୁଆଳଙ୍କ ବାଡ଼ି ପଟ ପୋଖରୀକୁ ଯାଉଥିବା ବେଳେ କୁମ୍ଭୀରଟିକୁ ଦେଖିଥିଲେ। କଳ୍ପତରୁ ଭୟଭୀତ ହୋଇ ପରିବାର ଲୋକଙ୍କୁ ଡାକିଥିଲେ। ପରେ ଏ ନେଇ ରାଜନଗର ବନ ବିଭାଗ ଅଧିକାରୀଙ୍କୁ ଫୋନ କରି ଜଣାଇଥିଲେ। ଶୁକ୍ରବାର ସକାଳୁ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିଶ୍ୱ ରଞ୍ଜନ ତରାଇ, ମନୋଜ ସାହୁ, ଚନ୍ଦନ ମଲ୍ଲିକ, ସଞ୍ଜୟ ସେଠୀ, ପାରେଶ୍ୱର ରାଉତ ପ୍ରମୁଖ ବାର୍ହାପୁରରେ ପହଞ୍ଚି କଳ୍ପତରୁଙ୍କ ପୋଖରୀରୁ ଜାଲ ସାହାଯ୍ୟରେ ମାଈ ବଉଳା କୁମ୍ଭୀରକୁ ଉଦ୍ଧାର କରିଥିଲେ। ପରେ କୁମ୍ଭୀରଟିକୁ ବାଉଁଶଗଡି ନଦୀରେ ସୁରକ୍ଷିତ ଭାବେ ଛଡା ଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛନ୍ତି।



# ରାସ୍ତା ସମ୍ପ୍ରସାରଣ କାମରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ ଦାବିପତ୍ର

ଡେରାବିଶ, ୨।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକର ପଞ୍ଚୁପାଣ୍ଡବ ଛକଠାରୁ ଗୋପ ଛକ ପର୍ଯ୍ୟନ୍ତ ୫୩ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାମ ନେଇଥିବା ପିଏସ୍‌କେ କମ୍ପାନୀକୁ ମା’ ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ପରିଷଦର ସଭାପତି ଫକୀର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମ୍ପାନୀର ମୁଖ୍ୟ ପରିଚାଳକଙ୍କୁ ପଞ୍ଚୁପାଣ୍ଡବ କାର୍ଯ୍ୟାଳୟରେ ଭେଟିସମ୍ପ୍ରସାରଣ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଉକ୍ତ ଅଞ୍ଚଳର ଠିକାଦାର ଓ ସପ୍ଲାଏରଙ୍କୁ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ବାହାରକୁ ନ ଯାଇ ଏଠି କାମ ପାଇବା ସହ ସେମାନଙ୍କର ପରିବାର ପ୍ରତିପୋଷଣ କରିପାରିବେ। ଉଲ୍ଲେଖନୀୟ ଯେ, କେନ୍ଦ୍ରାପଡ଼ା ଜିଲାର ପଞ୍ଚୁପାଣ୍ଡବଠାରୁ ନୀଳାଚଳ ବଜାର ପର୍ଯ୍ୟନ୍ତ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ବିକାଶ ପରିଷଦ ପକ୍ଷରୁ ବିଭିନ୍ନ କମ୍ପାନୀରେ ଶ୍ରମିକ ନିଯୁକ୍ତି ନେଇ ସ୍ୱର ଉତ୍ତୋଳନ କରିଆସିଛି। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ ମହାନ୍ତି, ତରୁଣ ପ୍ରଧାନ, ଲକ୍ଷ୍ମୀଧର ପଲେଇ, ଅକ୍ଷୟ ବିଶ୍ୱାଳ, ନିରାକାର ମହାରଣା, ପ୍ରଶାନ୍ତ ବେହେରା, ବିବେକ ପ୍ରତିହାରୀ, ଭବାନୀ ସାହୁ, ଶେଖର ବେହେରା, ପୀତବାସ ବେହେରା, ଉତ୍ତମ ମଲ୍ଲିକ ଓ ରମେଶ ସେଠୀ ଉପସ୍ଥିତ ଥିଲେ।


ଉପକୂଳ ବିକାଶ ପରିଷଦ ପକ୍ଷରୁ କମ୍ପାନୀର ପରିଚାଳନଙ୍କୁ ଦାଦିବପତ୍ର ଦିଆଯାଉଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମନୋଜ


@ ଖଗେଶ୍ୱର


@ ରୁଦ୍ରନାରାୟଣ


@ ସୁବାସ


@ ନମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ପରେ ପ୍ରଶାସନ ତତ୍ପର

ରାଜନଗର, ୨।୮ (ଭାସ୍କର ରାଉତରାୟ)

## ଗାଁରେ ଡାକ୍ତରୀ ଦଳ, ହେଲ୍‌ଥ କ୍ୟାମ୍ପ

ରାଜନଗରରେ ଝାଡ଼ାବାନ୍ତିରେ ଗୁରୁବାର ୨ ଜଣ ପ୍ରବାସୀ ଶ୍ରମିକ ମୃତ୍ୟୁ ପରେ ପ୍ରଶାସନ ଶୁକ୍ରବାର ତତ୍ପର ହୋଇପଡ଼ିଛି। ଗୁରୁବାର ରାତିରେ ଓ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ବେଲପାଳ ଓ ମାଣପଡ଼ା ଗାଁରେ ପହଞ୍ଚି ଅନ୍ୟ ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଛନ୍ତି। ଗୁରୁବାର ରାତିରେ ମୟୂରଭଞ୍ଜ ଜିଲା ବାରିପଦାର ବାହାଦୁରପୁର ଗାଁର ବଂଶୀଧର ବରାଳଙ୍କ ସ୍ତ୍ରୀ ସରସ୍ୱତୀ କାଳନ୍ଦୀ (୪୫) ଓ ବେତନଟି ବ୍ଲକ କେନ୍ଦୁଝାଟିଆ ଗାଁର ଅଜିତ ଦେହୁରୀ (୫୦)ଙ୍କର ଝାଡାବାନ୍ତିରେ ମୃତ୍ୟୁ ଘଟିଥିଲା। ଉଭୟ ମୟୂରଭଞ୍ଜ ଜିଲାର ହୋଇଥିବା ବେଳେ ରାଜନଗର ବ୍ଲକର ବେଲପାଳ ଓ ମାଣପଡ଼ା ଗାଁରେ ରହି ଚାଷ କାମ କରୁଥିଲେ।

ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ବାଟରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା। ୨ ଜଣ ପ୍ରବାସୀ ଶ୍ରମିକ ଏକା ସଙ୍ଗରେ ମୃତ୍ୟୁ ହେବା ସମଗ୍ର ଜିଲାରେ ଆଲୋଡନ ସୃଷ୍ଟି କରିଛି। ଏମାନେ ଝାଡ଼ାବାନ୍ତି ରେ କାହିଁକି ଆକ୍ରାନ୍ତ ହେଲେ, ଏହା ପଛରେ କି କାରଣ ରହିଛି ତାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି କାରଣ ଖୋଜୁଛି। ଶୁକ୍ରବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା



ରାଜନଗରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଅକ୍ଷୟ କୁମାର ସାହୁ, ସଞ୍ଜୟ କୁମାର ସିଂହ, ବିଜେତା ନନ୍ଦ, ବିଭାସ ମଜୁମଦାର, ବିକ୍ରମ କୁମାର ଦାସ, ଜିତେନ୍ଦ୍ର ରାଉତ ଟିମ୍ ୨ଟି ଗାଁରେ ପହଞ୍ଚି ମୃତ୍ୟୁର କାରଣ ଖୋଜିଛନ୍ତି। ୨ଟି ଗାଁରୁ ପାଣି ସାମ୍ପୁଲ, ମଳ ନମୁନା, ୨ଟି ଗାଁକୁ ସାନିଟେସନ କରାଯିବା ସହ ସଚେତନତା ଟିମ୍ ପକ୍ଷରୁ ଯାଞ୍ଚ କରାଯାଉଛି। ବୈଠକ କରିଛନ୍ତି। ୨ଟି ଗାଁରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ୩ ଦିନ ରହିବେ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହାନ୍ତି ସୂଚନା ଦେଇଛନ୍ତି। ସେମାନେ କାମ କରିବା ପାଇଁ ଆସିବା ବେଳେ ସାଙ୍ଗରେ ଆଣିଥିବା ମହୁଲ ଓ ସୁଖୁଆ ଖାଇବା ଯୋଗୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

# ଶତାଧିକ ହେକ୍ଟର ଚାଷଜମି ପାଣିରେ ବୁଡ଼ିଛି

ଡେରାବିଶ, ୨।୮ (ବେବର୍ତ୍ତା ଅଜୟ ଦାସ)

## ଡେରାବିଶ ଚାଷୀଙ୍କୁ ଦୁଃଖ ଦେଉଛି କେନ୍ଦ୍ରାପଡ଼ା ଡ୍ରେନେଜ୍ ବିଭାଗ

ବର୍ଷାଦିନ ଆସିଲେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ିଯାଏ। ଚିନ୍ତାର କାରଣ ହେଉଛି ବ୍ଲକ ଅଞ୍ଚଳରେ ଅବହେଳିତ ଅବସ୍ଥାରେ ଥିବା ଡ୍ରେନେଜ୍ କଟ୍। ଖରିଫ୍ ଫସଲ ପାଇଁ ଚାଷୀମାନେ ଋଣଗ୍ରସ୍ତ ହୋଇ ଚାଷ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ରତ୍ୟେକବର୍ଷ ଜଳ ନିଷ୍କାସନ ସମସ୍ୟା ଏବଂ ଚାଷଜମିରେ ଉଦ୍‌ବୃତ୍ତ ବର୍ଷାଜଳ ଦୀର୍ଘଦିନ ଧରି ଜମିରହିବା ଫଳରେ ଶତାଧିକ ହେକ୍ଟର ଜମିର ଫସଲ ନଷ୍ଟ ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡ୍ରେନେଜ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ଚାଷୀଙ୍କ ପାଇଁ ସମସ୍ୟାର ସମାଧାନ ହେଉନାହିଁ। ଲଘୁଚାପଜନିତ ବର୍ଷା ଏବେ ଚାଷୀଙ୍କ ଭିତରେ ଭୟ ସଞ୍ଚାର କରିଥିବା ବେଳେ ବ୍ଲକ ଅଞ୍ଚଳରେ ଥିବା ଡ୍ରେନେଜ୍ କଟ୍‌ଗୁଡ଼ିକରେ ଦଳ ଭର୍ତ୍ତିହୋଇ ରହିବା, ବ୍ୟାପକ ବେଣାଜଙ୍ଗଲ ସଫେଇ ନ ହେବା ଏବଂ ଡ୍ରେନେଜ୍ କଟ୍‌ଗୁଡ଼ିକରେ ଥିବା ଚେକ୍‌ଡ୍ୟାମ୍ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଥିବାରୁ ଏହାର ବ୍ୟାପକ ପ୍ରଭାବ ଚାଷଜମିଗୁଡ଼ିକରେ ପଡ଼ିବାରେ ଲାଗିଛି।

ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ଦେଶପୁର ଦେଇ ଯାଇଥିବା ୧୯ନଂ. ଡ୍ରେନେଜ୍ କଟ୍‌ଟି ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଛି। ପ୍ରତ୍ୟେକ ବର୍ଷ ଏହି ଡ୍ରେନେଜ୍ କଟ୍‌ରେ ବର୍ଷାଜଳ ନିଷ୍କାସନ ନ ହେବା ଦ୍ୱାରା ବାଲିଆ, ଗୋଲରାହାଟ, ପଲେଇ, ଖମୋଳ, କାଉପଡ଼ା ଓ ଚାଟରାଚକଡ଼ା ଇତ୍ୟାଦି ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମିରେ ବିଗତ ବର୍ଷଗୁଡ଼ିକରେ ବ୍ୟାପକ ଫସଲ ନଷ୍ଟ ଅଞ୍ଚଳର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚଳିତବର୍ଷ ଖରିଫ ଚାଷ ପାଇଁ ବିଲରେ ବିହନ ବୁଣାଯାଇ ଧାନ ତଳି ପ୍ରସ୍ତୁତ କରିବାକୁ ଅଞ୍ଚଳର ଚାଷୀମାନେ ଅଣ୍ଟା ଭିଡ଼ିଛନ୍ତି। କେତେଜଣ ଚାଷଜମିରେ ମଧ୍ୟ ରୁଆରୋଇ ଆରମ୍ଭ କରିଛନ୍ତି। ତେବେ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବାରମ୍ବାର ହେଉଥିବା ଲଘୁଚାପଜନିତ ବର୍ଷାଜଳ ୧୯ ନଂ. ଡ୍ରେନେଜ୍ କଟ୍ ଏବଂ ଶାଖା ଡ୍ରେନେଜ୍ କଟ୍‌ରେ ନିଷ୍କାସନ ହୋଇ ନ ପାରି ଚାଷଜମିରେ ଠିଆହୋଇ ରହିଛି। ଫଳରେ ଦୀର୍ଘ ୩ ଦିନରୁ ଅଧିକ ଧରି ପାଣିରେ ବୁଡ଼ି ରହିବା ଯୋଗୁ ଧାନତଳି ଓ ରୁଆ ଧାନଗଛ ନଷ୍ଟହେବାକୁ ବସିଲାଣି। ବିଶେଷକରି କାଉପଡ଼ା ପଞ୍ଚାୟତର ସାନଫୋଗଳଠାରୁ ନାଘିଲୋ ନାଥସାହି ଦେଇ ଯାଇଥିବା ୧୯ ନଂ. ଡ୍ରେନେଜ୍ କଟ୍‌ର ଶାଖା ପାଟନାଳିର ଉଭୟ ପାର୍ଶ୍ୱରେ ଥିବା ଚାଷଜମିରେ ଯେପରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳ ନିଷ୍କାସନ ହେବାକୁ ଥିବା ୨୦ ନଂ. ଡ୍ରେନେଜ୍ କଟ୍‌ର ଜୁଇଦାସପୁରଠାରେ ଥିବା ଚେକ୍ ଡ୍ୟାମ୍‌ଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ଚାଷୀଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି ହୋଇଛି ବୋଲି ଲକ୍ଷ୍ମୀଧର ମହାପାତ୍ର କହିଛନ୍ତି। ମହାପାତ୍ରଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ଡ୍ରେନେଜ୍ କଟ୍ ମରାମତି ନାମରେ ବିଭାଗୀୟ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ବାଟମାରଣା କରୁଥିବା ବେଳେ ପ୍ରକୃତରେ ଏହି ଡ୍ରେନେଜ୍ କଟ୍‌ର ରକ୍ଷଣାବେକ୍ଷଣ କେବଳ ଧର୍ମକୁ ଆଖିଠାର ସଦୃଶ ହୋଇଛି। ଏହାର ସ୍ଥାୟୀ ପ୍ରତିକାର ତୁରନ୍ତ କରା ନ ଗଲେ ଡ୍ରେନେଜ୍ କଟ୍ ଉପରେ ନିର୍ଭରଶୀଳ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି କାଉପଡ଼ା ପଞ୍ଚାୟତ ବାରବାଟିଆ ଗ୍ରାମର ସଦାଶିବ ସ୍ୱାଇଁ, ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂ, ଅଗ୍ରଣୀ ଚାଷୀ କୃତ୍ତିବାସ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରବୀନ କୁମାର ସିଂଙ୍କୁ ପଚାରିବାରୁ ୧୯ ନଂ. ଡ୍ରେନେଜ୍ କଟ୍‌ର ଶେଷମୁଣ୍ଡରେ ଶୁକ୍ରବାର ନିଷ୍କାସନ ପଥକୁ ସଫା କରାଯାଇଛି। ଦିନେ ୨ ଦିନ ମଧ୍ୟରେ ଏହି ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ବିଭାଗୀୟସ୍ତରରେ ପଦକ୍ଷେପ ନିଆଯାଇଛି।



# ରୋଗୀଙ୍କୁ ମିଳୁନି ବଦଳ ରକ୍ତ

**ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

- ରକ୍ତ ଅଦଳବଦଳ ପାଇଁ ହଇରାଣକୁ ନେଇ ଉତ୍ତେଜନା
- ଥାଲାସେମିଆ, ଆବର୍ସନ କରିଥିବା ରୋଗୀ ହଟହଟା

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ କର୍ମଚାରୀଙ୍କ ଖାମଖିଆଲ ନୀତି ରୋଗୀମାନେ ଅତିଷ୍ଠ ହୋଇ ପଡ଼ିଲେଣି। ରକ୍ତଭଣ୍ଡାର କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲେ ମଧ୍ୟ ପ୍ରମାଣ ନାହିଁ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ରୋଗୀ ହଇରାଣ ହୋଇ ଆସୁଥିବା କୁହାଯାଉଛି। ଏଭଳିସ୍ଥଳେ ଅଦଳବଦଳ ପରେ ବି ରୋଗୀ ରକ୍ତ ପାଉ ନାହାନ୍ତି। ଏ ନେଇ ଶୁକ୍ରବାର ଅପରାହ୍ନରେ ରକ୍ତଭଣ୍ଡାର ସମ୍ମୁଖରେ ପାଟିତୁଣ୍ଡରୁ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କ ସମ୍ପର୍କୀୟଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଅଣାଯାଇଥିଲା। ତେବେ ରକ୍ତଭଣ୍ଡାର କର୍ମଚାରୀଙ୍କ ରୁକ୍ଷ ବ୍ୟବହାର ଉତ୍ତେଜକ ପରିସ୍ଥିତି ସୃଷ୍ଟି କରିଥିଲା। ଏ ନେଇ ଖଣ୍ଡପଡ଼ା ଗୋପାଳିପଡ଼ାର ଧର୍ମେନ୍ଦ୍ର ବେହେରା କହିଛନ୍ତି, ମୋ ସ୍ତ୍ରୀର ଶୁକ୍ରବାର ଆବର୍ସନ କରାଯାଇଛି। ଆବାର୍ସନ ପରେ ଡାକ୍ତର ବି ପଜେଟିଭ ରକ୍ତ ଆଣିବାକୁ କହିଛନ୍ତି। ଆମେ ଜଣେ ବ୍ୟକ୍ତିଙ୍କୁ ନେଇ ବି ପଜେଟିଭ ରକ୍ତ ଦେଇ ବି ପଜେଟିଭ ରକ୍ତ ଆଣିବାକୁ ରକ୍ତଭଣ୍ଡାର କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲୁ। ହେଲେ କର୍ମଚାରୀ ଆମକୁ ଅସହଯୋଗ କରିବାରୁ ଅଦଳବଦଳ ପ୍ରକ୍ରିୟାରେ ରକ୍ତ ସଂଗ୍ରହ କରିପାରିଲୁ ନାହିଁ। ମୋ ସ୍ତ୍ରୀର ରକ୍ତ ଅଭାବ ଥିବାରୁ ନିହାତି ଆବଶ୍ୟକତା ଥିବାବେଳେ କ'ଣ କରିବୁ କିଛି ଚିନ୍ତା କରି ପାରୁନୁ। ତେବେ ହାତ ଗୁଞ୍ଜା ଦେଇ କେତେଜଣ ଲୋକ ରକ୍ତଭଣ୍ଡାରରୁ ରକ୍ତ ନେଉଥିବା ଆମେ ଦେଖିବାକୁ ପାଇଛୁ। ସେମାନଙ୍କୁ ରକ୍ତ ଭଣ୍ଡାର କର୍ମଚାରୀ ଭଲ ବ୍ୟବହାର ଦେଖାଉଛନ୍ତି। ଏହି ଘଟଣର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନୟାଗଡ଼ ସହର ରାମେଶ୍ୱର ସାହିର ରମେଶ ନାୟକ କହିଛନ୍ତି, ମୋର ପୁଅ ସତ୍ୟ ସୁନ୍ଦର(୧୪) ବର୍ଷର ଥାଲାସେମିଆ ରୋଗ ଅଛି। ସବୁବେଳେ ରକ୍ତ ଦରକାର ହେଉଛି। ଏଭଳିସ୍ଥଳେ ଅଦଳବଦଳ କରି ଆମେ ରକ୍ତ ସଂଗ୍ରହ କରୁଛୁ। ଗୁରୁବାର ସନ୍ଧ୍ୟାରେ ମୋର ଜଣେ ବନ୍ଧୁ ରକ୍ତ ଦେଇଛନ୍ତି। ଶକ୍ରୁବାର ଅପରାହ୍ନ ୩ଟା ପରେ ବି ରକ୍ତ ମିଳିଲାନି। ରକ୍ତ ନେବା ଅପେକ୍ଷରେ ୪ ଘଣ୍ଟା ହେଲା ଅପେକ୍ଷା କରିଥିବାବେଳେ ନ ମିଳିବାରୁ ପାଟିତୁଣ୍ଡ କରିବାରୁ ଅପରାହ୍ନ ୪ଟାରେ ରକ୍ତ ଦେବାକୁ କହିଲେ। ଅନ୍ୟପକ୍ଷେ ରକ୍ତ ଭଣ୍ଡାରରେ ଥିବା କର୍ମଚାରୀ କହିଲେ, ଅପରାହ୍ନ ୨ଟା ପରେ ଆସିଛି, ଏକୁଟିଆ ଅଛି। ମୋତେ ସବୁ କିଛି କରିବାକୁ ପଡୁଛି କହି ମୋ ଉପରେ ବିରକ୍ତି ହେଲେ କହି କ୍ଷୋଭ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡା. ଅଜୟ ବାହିନୀପତିଙ୍କୁ ପଚାରିବାରେ ୨ଟି କେଶର ଅଭିଯୋଗ ମିଳିବା ପରେ ତୁରନ୍ତ ଫଇସଲା କରିଛି। ଉଭୟ ରକ୍ତ କିପରି ପାଇବେ ସେନେଇ ଆଲୋଚନା କରାଯାଇଛି। ଆଗକୁ ଯେପରି ଏଭଳି ଘଟଣା ନ ଘଟେ ସେଥିପାଇଁ କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି ବୋଲି ସେ କହିଛନ୍ତି।

## ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପାଇଁ ଗଣଧାରଣା



ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର
- ଭୁବନେଶ୍ୱରଠାରୁ ବଲାଙ୍ଗୀର ୩୫୦ କି.ମି. ଭିତରେ ନାହିଁ ମେଡିକାଲ କଲେଜ

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ନୟାଗଡ଼ରେ ମେଡିକାଲ କଲେଜ ଓ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦାବିରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଗଣଧାରଣାରେ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ, ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର ଓ ଗୋଲଖ ବିହାରୀ ମୁଦୁଲି, ଆଇନଜୀବୀ ପ୍ରତାପ ନନ୍ଦ, ଶ୍ରମିକନେତା ଶ୍ରୀକାନ୍ତ ପଟ୍ଟନାୟକ, ପରିବେଶବିତ୍ ସୁକାନ୍ତ ଚୌଧୁରୀ, ଖବରଦାତା ରାମକୃଷ୍ଣ ରଥ ଯୋଗଦେଇ ନୟାଗଡ଼ ଜିଲାର ଦାବିକୁ ସରକାର ମାନି ନେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଏନେଇ ପ୍ରତି ବ୍ଲକରେ ଗଣଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କୁ ଏକ ସ୍ମାରକପତ୍ର ଦେଇ ଗଣଧାରଣା ପ୍ରତ୍ୟାହାର କରିଥିଲେ।

ଭୁବନେଶ୍ୱରଠାରୁ ବଲାଙ୍ଗୀର ୩୫୦ କିମି ରାସ୍ତାରେ ମେଡିକାଲ କଲେଜ ନ ଥିବାରୁ ନୟାଗଡ଼ରେ ମେଡିକାଲ କଲେଜ ଖୋଲିବା ନିହାତି ଜରୁରୀ ବୋଲି କୁହାଯାଇଛି। ଜିଲାରେ ଯୁକ୍ତ୨ କଲେଜ ୩୭, ଯୁକ୍ତ୩ କଲେଜ ୨୪ ଏପରି ମୋଟ୍ ୬୧ଟି କଲେଜ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି। ଏଥିରେ ୩ଟି ମହିଳା କଲେଜ ମଧ୍ୟ ଅଛି। ସେହିଭଳି ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ବିକାଶ ପାଇଁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଭିତ୍ତିକରି ଏକ ବିଶାଳ ଶିକ୍ଷା ପୁଞ୍ଜି ଗଢ଼ିଉଠିଛି। ଆଖପାଖ ୭ଟି ଜିଲାର ଛାତ୍ରୀଛାତ୍ର ନୟାଗଡ଼ କଲେଜକୁ ପସନ୍ଦ କରି ଆଡ୍‌ମିଶନ କରୁଛନ୍ତି। ଅନ୍ୟପକ୍ଷେ ନୟାଗଡ଼ କଲେଜର ବିଦ୍ୟାର୍ଥୀ ବି ସର୍ବଭାରତୀୟସ୍ତରରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ପାରଦର୍ଶିତା ଲାଭ କରିଛନ୍ତି। ଏଣୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଲେ ଶିକ୍ଷାର ଉତ୍କର୍ଷତା ବଢ଼ିପାରିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ନୟାଗଡ଼ ଜିଲା ଏକ ସଂକ୍ରାମକ ପ୍ରବଣ ଜିଲା। ଆଖପାଖ ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ସ୍ୱାସ୍ଥ୍ୟସମସ୍ୟା ଲାଗିରହିଛି। ବଲାଙ୍ଗୀରଠାରୁ ଭୁବନେଶ୍ୱର ମଧ୍ୟରେ ମେଡିକାଲ କଲେଜ ନ ଥିବାରୁ ନୟାଗଡ଼ରେ ଏହି କଲେଜ ହେଲେ ଲକ୍ଷାଧିକ ପିଲା ଉପକୃତ ହେବେ। ଏଣୁ ନୟାଗଡ଼ ଜିଲାର ଦାବିକୁ ଅଣଦେଖା କରା ନ ଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

## ଜାତିଆଣ ଆକ୍ଷେପ, ମାରପିଟ ନେଇ ମାମଲା

**ମାଛିପଡ଼ା ସ୍କୁଲରେ ଛୁଆଁଅଛୁଆଁକୁ ନେଇ ବିବାଦ ପ୍ରସଙ୍ଗ**

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଛିପଡ଼ାସ୍ଥ ଗୋଟିଏ କ୍ୟାମ୍ପସ୍(ହତା)ରେ ଥିବା ଚନ୍ଦ୍ରଶେଖର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟରେ ସବର୍ଣ୍ଣ ଓ ଅସବର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ଛୁଆଁ ଅଛୁଆଁକୁ ନେଇ ବିବାଦରୁ ମାରପିଟ୍ ଲାଗି ରହିଛି। ଏହି ଘଟଣାକୁ ନେଇ ଜୁଲାଇ ୨୪ରେ ୧୦ ଅସବର୍ଣ୍ଣ ଛାତ୍ରଙ୍କୁ ସବର୍ଣ୍ଣ ଛାତ୍ର ମାରପିଟ୍ କରି ଆହତ କରିଥିଲେ। ଶୁକ୍ରବାର ପୁଣି ଅସବର୍ଣ୍ଣ ଛାତ୍ର ଏକଜୁଟ ହୋଇ ୨ ସବର୍ଣ୍ଣ ଛାତ୍ରଙ୍କୁ ମାରପିଟ୍ କରିବା ପରେ ମାଛିପଡ଼ାରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଉଗ୍ରରୂପ ନେଇଛି। ଏଭଳିସ୍ଥଳେ ଜୁଲାଇ ୨୪ରେ ମାମଲା ହୋଇ ନ ଥିବାବେଳେ ନବମ ଶ୍ରେଣୀର ରୁଦ୍ର ନାରାୟଣ ନାହାକଙ୍କ ଅଭିଯୋଗ ପରେ ୧୦ ଜଣ ସବର୍ଣ୍ଣ ଛାତ୍ରଙ୍କ ନାଁରେ ଜୁଲାଇ ୩୧ରେ ସଦର ଥାନାରେ ଦଫା ୧୨୬(୨), ୧୧୫(୨), ୨୯୬, ୩୨୪(୨), ୩୫୧(୨), ୩(୫), ୩(୧)(ଆର), ୩(୧)(ଏସ),୩(୨)(ଭିଏ)ରେ ନଂ. ୧୭୯/୨୪ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଅସବର୍ଣ୍ଣ ଛାତ୍ରୀଛାତ୍ର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାଠାରୁ ଶିକ୍ଷକ ଓ ସବର୍ଣ୍ଣ ଛାତ୍ରୀଛାତ୍ର ଛୁଆଁ ଅଛୁଆଁ ଭେଦଭାବ ରଖି ଜାତିଆଣ ଆକ୍ଷେପ କରିଆସୁଛନ୍ତି। ପରେ ଏହା ବିବାଦର ରୂପ ନେଇଛି। ଜୁଲାଇ ୨୪ରେ ୧୦ଜଣ ଅସବର୍ଣ୍ଣ ଛାତ୍ରଙ୍କୁ ମାରପିଟ୍ କରାଯାଇଥିଲା। ଏ ନେଇ ଜଣେ ଅସବର୍ଣ୍ଣ ଛାତ୍ର ମୁହଁ ଖୋଲି କହିଛନ୍ତି, ଜୁଲାଇ ୨୪ ତାରିଖ ଘଟଣା ପରେ ଅସବର୍ଣ୍ଣ ଛାତ୍ରମାନେ ସ୍କୁଲ୍‌କୁ ଯାଉ ନ ଥିଲୁ। ଗଣ୍ଡଗୋଳ କରି ମାରପିଟ୍ କରିଥିବା ୨ ଛାତ୍ର ବି ଆସୁ ନ ଥିଲେ। ପରିବାର ଲୋକ ବୁଝାଶୁଝା କରିବା ପରେ ଆମର ଜଣେ ଛାତ୍ର ସ୍କୁଲକୁ ଗୁରୁବାର ଓ ଶୁକ୍ରବାର ଯାଇଥିଲେ। ତାଙ୍କୁ କମେଣ୍ଟ ପରେ ଶୁକ୍ରବାର ମାରପିଟ୍ ଘଟଣା ଘଟିଛି ବୋଲି ସେ କହିଛନ୍ତି।

## ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟକଳାପର ତଦନ୍ତ

ଖଣ୍ଡପଡ଼ା,୨।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ସୁଦାମ ଚନ୍ଦ୍ର ସାହୁ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ସହ ଅସଦ ଉପାୟରେ ଅର୍ଥ ଆଦାୟ କରିଥିବା ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏବେ ଜଣେ ମହିଳା ତାଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ଅଭିଯୋଗ କରିବା ପରେ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ମାମଲା ରୁଜୁ ହେବା ପରଠାରୁ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ମୋବାଇଲ ଫୋନ୍ ବନ୍ଦ କରି ପୋଲିସ ଗିରଫ ଭୟରେ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ତେବେ ଏ ସମ୍ପର୍କରେ ସବିଶେଷ ତଦନ୍ତ ନିମନ୍ତେ ନୟାଗଡ଼ ଜିଲା ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ଦିଲୀପ ଦାଶ, ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଶୁକ୍ରବାର ଖଣ୍ଡପଡା ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସାଧିକାରୀ ସାହୁଙ୍କ ମନମୁଖି କାରବାର ଓ ଦୁର୍ନୀତି ସମ୍ପର୍କରେ ପୂର୍ବରୁ ଅଭିଯୋଗ କରିଥିବା କେତେଜଣ ଅଭିଯୋଗକାରୀ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଏ ସମ୍ପର୍କିତ ରିପୋର୍ଟ ସେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଡ. ଦାଶ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଆଗରେ ପ୍ରକାଶ କରିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋଜ



@ ଖଗେଶ୍ୱର



@ ରୁଦ୍ରନାରାୟଣ



@ ସୁବାସ



@ ନମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଶ୍ୱ ବନ୍ଧୁତା ଦିବସ: ବନ୍ଧୁ ବିନା ଜୀବନ ଅଧୁରା

ଖଣ୍ଡପଡ଼ା,୨।୮
(ଅଜୟ କୁମାର ମହାରଣା)

ବନ୍ଧୁତା ଏକ ଏଭଳି ସମ୍ପର୍କ, ଯେଉଁଥିରେ ନା ଅଛି ଧନୀ, ଗରିବର ପ୍ରଭେଦ ନା ବୟସ ସୀମା। ବନ୍ଧୁତା ସ୍ନେହ, ପ୍ରେମ, ମମତା ଓ ବିଶ୍ୱାସର ଡୋରିରେ ବନ୍ଧା। ବନ୍ଧୁତା ବିନା ଜୀବନ ଯେମିତି ନିରସ ଲାଗେ। ସମାଜ ବ୍ୟତିରେକେ ମଣିଷ ପଶୁ କିମ୍ବା ଭଗବାନ ବିବେଚିତ ହୋଇଥାଏ। 'ସମାଜ' ଶବ୍ଦଟି ବନ୍ଧୁତ୍ୱ ଉପରେ ଆଧାରିତ। ମଣିଷ ନିକଟରେ ବନ୍ଧୁତ୍ୱ ଏକ ଐଶ୍ୱରୀୟ ଉପାଦାନ। ଯାହାକି ଶାନ୍ତିପୂର୍ଣ୍ଣ ଜୀବନଯାପନ ଏବଂ ମାନବ ସମାଜକୁ ଆଗକୁ ବଢ଼ାଇବା ପାଇଁ ଏକ ଶକ୍ତ ସକାରାତ୍ମକ କ୍ରିୟାଶୀଳ ମାର୍ଗଦର୍ଶନ। ଏହା ପରିପୂର୍ଣ୍ଣ ହୋଇଥାଏ, ଅନ୍ୟକୁ ନିଃସର୍ତ୍ତ ଭଲ ପାଇବାରେ ଏବଂ ସେବା ତ୍ୟାଗ, ଦୟା, କ୍ଷମା, ନିଃସ୍ୱାର୍ଥପରତା ଓ ସାହାଯ୍ୟ କରିବା ଆଚରଣରେ। ଜୀବନଯାତ୍ରାର ଅନୁକୂଳ ଓ ପ୍ରତିକୂଳ ସ୍ଥିତିରେ ହାତ ଛାଡ଼ି ପାରୁ ନ ଥିବା ବ୍ୟକ୍ତି ହେଉଛି ବନ୍ଧୁ। ଯାହା ସହ ସୁଖ ଦୁଃଖରେ ମନର କଥା ବାଣ୍ଟି ହୁଏ। ଅଗଷ୍ଟ ମାସର ପ୍ରଥମ ରବିବାରକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଆଜିର ସମାଜରେ ପରିସ୍ଥିତି ଓ ପରିବେଶ ମଧ୍ୟରେ ଜଣେ ଉତ୍ତମ ବନ୍ଧୁଟିଏ ପାଇବା କଷ୍ଟକର ହୋଇ ପଡିଲାଣି। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମତାମତକୁ ନେଇ ଉପସ୍ଥାପନା।

### ଡିଜିଟାଲ ଯୁଗରେ ବଦଳିଛି ବନ୍ଧୁତ୍ୱର ପରିଭାଷା



ଆଜିର ଡିଜିଟାଲ ଯୁଗରେ ବଦଳିଛି ବନ୍ଧୁତ୍ୱର ପରିଭାଷା। କିନ୍ତୁ ବଦଳିନି ସଂଜ୍ଞା। ପ୍ରତ୍ୟେକ ସମ୍ପର୍କର ମୂଳଦୁଆ ହେଉଛି ବନ୍ଧୁତ୍ୱ। ବ୍ୟକ୍ତି, ଜାତି ଓ ରାଷ୍ଟ୍ରରେ ପାରସ୍ପରିକ ବନ୍ଧୁତ୍ୱର ଭାବନା ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ଉନ୍ନତିର ପଥରେ ଆଗେଇ ନେବ। ବନ୍ଧୁତ୍ୱର ବାର୍ତ୍ତା କେବଳ ବନ୍ଧୁତ୍ୱ ଦିବସରେ ସୀମିତ ନ ରହି ଦୈନନ୍ଦିନ ଜୀବନର ମୂଲ୍ୟବୋଧ ହେଉ ଏହା ହିଁ କାମନା।

**- ଲିପ୍ସା ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ, ଆର.ସି. ହାଇସ୍କୁଲ, ଖଣ୍ଡପଡ଼ା**

### ଉତ୍ତମ ବନ୍ଧୁ ଜଣେ ମନସ୍ତତ୍ତ୍ୱ ବିଜ୍ଞାନୀ



ବନ୍ଧୁ ହେଉଛି ଏପରି ଏକ ଭାବନା ଯାହା ବର୍ତ୍ତମାନର କ୍ରିୟାଶୀଳ ଦୁନିଆରେ ପ୍ରତି ଚଲାବାଟରେ ଏକ ସମର୍ଥନ, ଯାହା ଆମ ସାମାଜିକ, ମାନସିକ ଓ ସୃଜନଶୀଳ ଜୀବନର ଏକ ବିଶ୍ୱସନୀୟ ଅଙ୍ଗ। ତୁ କ'ଣ କରୁଥିଲୁ କି, ତୋ ଦେହ ଭଲ ଅଛି ନା ନାହିଁ। ତୋ ସଙ୍ଗେ କେତେଦିନ ହେଲାଣି କଥା ହୋଇନି, ଜମା ଭଲ ଲାଗୁନି। ଏଇ ହୃଦୟଭରା କଥାରେ ମନଟା ଓଦା ହୋଇଯାଏ। ଲାଗେ ଯେମିତି ଏଇ ସାଙ୍ଗଟି ନ ଥିଲେ ଜୀବନଟା କେତେ ଶୂନ୍ୟତାରେ ଭରି ଯାଇଥାନ୍ତା। ଉତ୍ତମ ବନ୍ଧୁମାନେ ଯେପରି ଜଣେ ଜଣେ ମନସ୍ତତ୍ତ୍ୱ ବିଜ୍ଞାନୀ। ଅକୁହା ମନର କଥାକୁ ବି ବେଶ୍ ଭଲ ରୂପେ ପଢ଼ି ପାରନ୍ତି। ଜୀବନ ରଥକୁ ସମୟ ଚକରେ ବନ୍ଧୁଟିଏ ସାରଥି ସାଜି ଅତି ସହଜରେ ଗଡ଼େଇ ନିଏ।

**- ଆଶୁତୋଷ ସିଂହସାମନ୍ତ, ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର, ଭୀମସାର ବୁର୍ଲା**

### ଯେଉଁ ସମ୍ପର୍କରେ ସ୍ୱାର୍ଥ, ସର୍ତ୍ତ ନ ଥାଏ ତାହା ବନ୍ଧୁତା



ଯେଉଁ ସମ୍ପର୍କରେ ସ୍ୱାର୍ଥ ଆଉ ସର୍ତ୍ତ ନ ଥାଏ ତାହା ବନ୍ଧୁତା। ଆତ୍ମୀକରଣ ଥାଇ ଦରଦୀ ବନ୍ଧୁଟିଏ ପାଇବା ବିରଳ। ସମ୍ପର୍କୀୟଠାରୁ ମଧ ବନ୍ଧୁ ଅଧିକ ଦରଦୀ ହୋଇଥାଏ। ବନ୍ଧୁଟିଏ କଣ୍ଟକିତ ପଥରୁ ତା'ର କୋମଳ ହାତରେ ନିଜେ ରକ୍ତାକ୍ତ ହୋଇ ତୋଳି ଧରିଥାଏ, ସିଏ ହିଁ ପ୍ରକୃତ ବନ୍ଧୁ। ସମ୍ପର୍କ ନା ରକ୍ତର ହୋଇଥାଏ ନା ଧର୍ମର। ତଥାପି ପ୍ରତ୍ୟେକ ସମୟରେ ପାଖରେ ଥାଏ ବନ୍ଧୁ। ସେ ମୋ ପରିବାରର କେହି ନୁହେଁ, ତଥାପି ସେ ଜାଣିଛି ମୋର ପସନ୍ଦ ଅବା ନାପସନ୍ଦ। ସେ ମୋର ଜୀବନର ସାଥୀ ନୁହେଁ ତଥାପି ସେ ସବୁବେଳେ ମୋର ସାଥ୍ ଦେଇଥାଏ।

**- ସାଗରିକା ପ୍ରିୟଦର୍ଶିନୀ ମହାରଣା, ଯୁକ୍ତ ୩ ଶେଷବର୍ଷ, ରାଜସୁନାଖଳା ମହାବିଦ୍ୟାଳୟ।**

### ବନ୍ଧୁହୀନ ଜୀବନ ନର୍କ ସମାନ

ବନ୍ଧୁହୀନ ଜୀବନ ନର୍କ ସମାନ। ମଣିଷ ଜାତିର ସବୁଠାରୁ ଭୟଙ୍କର ଦାରିଦ୍ର୍ୟ ହେଲା, ନିଃସଙ୍ଗତା, ଏକାକିତ୍ୱ ଓ ଅଲୋଡ଼ାପଣ। ନିର୍ଜନତାକୁ ସହ୍ୟ କରିନେଇ ହୁଏ, ମାତ୍ର ନିଃସଙ୍ଗତାକୁ ସହ୍ୟ କରିବା ଅତ୍ୟନ୍ତ କଷ୍ଟ। ସେଥିପାଇଁ କେଉଁ ଅନାଦି କାଳରୁ ମଣିଷ ମଣିଷ ସହ ବନ୍ଧୁତା ସ୍ଥାପନ କରିଆସିଛି। ଆମ ଜୀବନ ହେଉଛି ମାତାପିତାଙ୍କର ଉପହାର। କିନ୍ତୁ ବନ୍ଧୁତା ହେଉଛି ଈଶ୍ୱରଙ୍କ ଉପହାର। ବନ୍ଧୁତା କେବଳ ଏକ ଶବ୍ଦ ନୁହେଁ କି ଏକ ସମ୍ପର୍କ ନୁହେଁ, ଏହା ଏକ ନୀରବ ପ୍ରତିଶ୍ରୁତି ଯାହା ନିରନ୍ତର କହୁଥାଏ ମୁଁ ଥିଲି, ମୁଁ ଅଛି, ମୁଁ ରହିବି। ବନ୍ଧୁଟିଏ ହେଉଛି ପିଣ୍ଡର ପ୍ରାଣ, ଧୂପର ବାସ୍ନା ଓ ସଳିତାର ଅଗ୍ନି ପରି ଅତି ନିବିଡ଼। ନା ଅଛି ପାରିବାରିକ ସମ୍ପର୍କ, ନା ଅଛି ରକ୍ତ ସମ୍ପର୍କ, ତଥାପି ସୁଖ, ଦୁଃଖ, ବିପଦ, ଆପଦରେ ଯିଏ ପାଖରେ ଛିଡ଼ା ହୁଏ, ତାହାରି ନାଁ ତ ବନ୍ଧୁ।



**- ଡ. ପବିତ୍ର ସୁବୁଦ୍ଧି, ସାହିତ୍ୟିକ ଓ ସ୍ତମ୍ଭକାର, ପଦ୍ମାବତୀ**

### ଅତୁଟ ବନ୍ଧନର ଅନ୍ୟନାମ ବନ୍ଧୁତା



ଅତୁଟ ବନ୍ଧନର ଅନ୍ୟନାମ ବନ୍ଧୁତା। କହିବା ଆଗରୁ ଯିଏ ମନକଥା ବୁଝିଥାଏ, ଆଖିର ଲୁହକୁ ପୋଛି ଓଠରେ ହସ ଫୁଟାଏ, ଯାହାପାଇଁ ଦୁର୍ଗମ ରାସ୍ତା ସୁଗମ ହୁଏ ସେ ହିଁ ହେଉଛି ପ୍ରକୃତ ବନ୍ଧୁ। ଖାସ୍ ସେଥିପାଇଁ ତ ସବୁ ସମ୍ପର୍କର ଊର୍ଦ୍ଧ୍ୱରେ ସ୍ଥାନ ପାଇଥାଏ ବନ୍ଧୁତାର ସମ୍ପର୍କ। ବନ୍ଧୁତା ଏକ ଶବ୍ଦ ହୋଇପାରେ, ମାତ୍ର ଏହାର ପରିସର ଅତି ବ୍ୟାପକ ଓ ବିସ୍ତୀର୍ଣ୍ଣ। ବନ୍ଧୁହୀନ ଜୀବନ ମରୁଭୂମି ସଦୃଶ ମନେହୁଏ। ତେଣୁ ଯୁଗ ଯୁଗ ଧରି ଅତୁଟ ବନ୍ଧନର ଏ ପବିତ୍ର ସମ୍ପର୍କ ସମସ୍ତଙ୍କ ଜୀବନକୁ ସୁଖମୟ ଓ ଆନନ୍ଦମୟ କରୁ।

**- ରୁପାଲୀ ସାହୁ, ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗ ଛାତ୍ରୀ, ଆର୍ଯ୍ୟଭଟ ଆନ୍‌ସିଏଣ୍ଟ ଏକାଡେମୀ, ଖୋର୍ଦ୍ଧା**

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ଜୟମଙ୍ଗଳପ୍ରସାଦ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ନିରଞ୍ଜନ ଗୁରୁଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା ଶୁକ୍ରବାର ପ୍ରଦାନ କରାଯାଇଛି। ଚାକିରିରୁ ଅବସର ନେବା ପରେ ଶୁକ୍ରବାର ଗାଁକୁ ଫେରୁଥିବାବେଳେ ବାଣ ଫୁଟାଇ ବାଜା ବଜାଇ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଭାଜପା ଯୁବ ନେତା ସନ୍ତୋଷ ପ୍ରଧାନ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ନାୟକ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।

## କାର୍ ସହ ୧୫ କେଜି ଗଞ୍ଜେଇ ଜବତ

ନୟାଗଡ଼,୨।୮(ଲୋକନାଥ ମିଶ୍ର)



ଜବତ ଗଞ୍ଜେଇ ଓ ଗିରଫ ଯୁବକ।

ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀ ନୟାଗଡ ଟାଉନ ଥାନା ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ଗଞ୍ଜେଇ ବୋଝେଇ ସହ କାର (ନଂ.ଓଆର୦୫ଏଏଲ ୦୦୧୯) ଜବତ କରିଛି। କାରରେ ଥିବା ୧୫ କେଜି ଗଞ୍ଜେଇର ଦାମ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। କାରରେ ଥିବା ଅଭିଯୁକ୍ତ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକାଗୋଡ଼ା ଗାଁର ନିଜାମୁଦ୍ଦିନ ଖାନ(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନିଜାମୁଦ୍ଦିନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଅବକାରୀ କର୍ମଚାରୀ ନଂ.୧୩୭/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିଲେ।

